# ଯାଞ୍ଚ ଟିମ୍‌ର କ୍ରଶର ତନଖି ଭେଳିକି

## ୧୭ଦିନ ପରେ ବି ଗୋଟିଏ ମାମଲା ରୁଜୁ ହୋଇପାରିଲାନି

**ଖଇରା, ୮।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରୀଶୁଆ ପାହାଡ ସଂଲଗ୍ନ ବିଭିନ୍ନ କ୍ରଶର ଯାଞ୍ଚକୁ ନେଇ ସାଧାରଣରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି। ୧୭ଦିନ ପରେ ମଧ୍ୟ ୨୨ କ୍ରଶର ମଧ୍ୟରୁ ଗୋଟିଏ ହେଲେ କ୍ରଶର ଉପରେ ମାମଲା ରୁଜୁ ହୋଇପାରିନାହିଁ। ଏଭଳି ଚଢ଼ାଉ ପାହାଡ ସୁରକ୍ଷା ପାଇଁ ଥିଲା ନା ଶାରୀଶୁଆ ପାହାଡ ସଂଲଗ୍ନ ଗ୍ରାମବାସୀଙ୍କୁ ଖୁସି କରିବାକୁ ଏକ ଭେଳିକି ଥିଲା ତାହା ଏବେ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଚଢ଼ାଉ ପୂର୍ବରୁ ତରବରିଆ ଭାବେ ୩ଟି କ୍ରଶର ଉପରେ ମାମଲା ରୁଜୁ କରାଯାଇଥିବା ବେଳେ ସୂଚନା ଦେଇ ବିଧିବଦ୍ଧ ଭାବେ ୪ ଦିନର ଝାଳବୁହା ଯାଞ୍ଚ ପରେ ଅଦ୍ୟାବଧି ଗୋଟେ ହେଲେ ମାମଲାରୁ ହୋଇ ନ ପାରିବା ସମଗ୍ର ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗତ ୧୮ ତାରିଖରେ ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ପ୍ରମୁଖ ଅଚାନକ ଶାରୀଶୁଆ ପାହାଡ ସଂଲଗ୍ନ ଅଞ୍ଚଳ ଗସ୍ତ କରି ୩ଟି କ୍ରଶର ଉପରେ ମାମଲା ରୁଜୁ କରିଥିଲେ। ୧୯ ତାରିଖରେ ନୀଳଗିରି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକଙ୍କ ନେତୃତ୍ୱରେ ଏକ ବୈଠକ ଖଇରା ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସମସ୍ତ କ୍ରଶର ମାଲିକ ଉପସ୍ଥିତିରେ ଏସ୍‌ଡିପିଓ ପୂର୍ଣ୍ଣାଙ୍ଗ ଯାଞ୍ଚ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିପାଇଁ ସମସ୍ତ କ୍ରଶର ମାଲିକଙ୍କ ସହଯୋଗ ଲୋଡ଼ିଥିଲେ। ମାର୍ଚ୍ଚ ୨୦ ଓ ୨୧ତାରିଖ ଦୁଇଦିନ ଧରି ୨୨ କ୍ରଶର ସହ ଆନୁଷଙ୍ଗିକ କାଗଜପତ୍ର ଯାଞ୍ଚ କରାଯାଇଥିଲା। ପାହାଡ ସଂଲଗ୍ନ ଗ୍ରାମର ବାସିନ୍ଦାମାନେ ଏଭଳି ଚଢ଼ାଉକୁ ନେଇ ବହୁତ କିଛି ଆଶା କରିଥିଲେ। ହେଲେ ଏସ୍‌ଡିପିଓଙ୍କ ନେତୃତ୍ୱରେ କରାଯାଇଥିବା ଏହି ଯାଞ୍ଚ ଟିମ୍‌ର ନୀରବତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। କିଛି ମାସର ବ୍ୟବଧାନରେ କରାଯାଉଥିବା ଏହି ଚଢ଼ାଉ ଖଇରାବାସୀଙ୍କୁ ଭକୁଆ କରି ରଖାଯାଉଥିବା ନେଇ ପାହାଡ ସଂଲଗ୍ନ ବିଭିନ୍ନ ଗ୍ରାମର ଅଧିବାସୀମାନେ କହିଛନ୍ତି। ଏସ୍‌ଡିପିଓଙ୍କ ନେତୃତ୍ୱରେ କରାଯାଇଥିବା ୨ଦିନିଆ ଯାଞ୍ଚରେ ଖଇରା ଥାନା ଆଇଆଇସି ଜନ ପଟ୍ଟନାୟକ, କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା, ଆୟକର ବିଭାଗ କର୍ମଚାରୀ ରାକେଶ ମୁଦୁଲି ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗରୁ ପ୍ରମୋଦ ରାଉତ ପ୍ରମୁଖ ସାମିଲ ଥିଲେ। ବେଆଇନ କାଗଜପତ୍ରରେ ଚାଲୁଥିବା ୫ଟି କ୍ରଶର ଉପରେ ମାମଲା ରୁଜୁ ହେବ ବୋଲି ଯାଞ୍ଚ ପରେ ଏସ୍‌ଡିପିଓ ମଲ୍ଲିକ ପ୍ରକାଶ କରିଥିଲେ। ଯାଞ୍ଚର ୧୭ ଦିନ ପରେ ମଧ୍ୟ ପୋଲିସର ନୀରବତା ଅନେକ କିଛି କଥାକୁ ଇଙ୍ଗିତ କରୁଛି । ବାଲେଶ୍ୱର ଜିଲାପାଳ,ଏସପି, ଖଣି ବିଭାଗ ସଚିବ ତଥା ଖୋଦ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ପାହାଡ ସଂଲଗ୍ନ ପଞ୍ଚାୟତଗୁଡ଼ିକର ଅଧିବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଯୋଗାଯୋଗ କରିବାରେ ଏହି ତଦନ୍ତରେ ଅନେକଗୁଡ଼ିଏ ବିଭାଗ ସଂଶ୍ଳିଷ୍ଟ ଥିବାରୁ ସବୁବିଭାଗରୁ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ବୋଲି କହିଛନ୍ତି।


ମାର୍ଚ୍ଚ ୨୦ ଓ ୨୧ ତାରିଖରେ ହୋଇଥିବା ଯାଞ୍ଚ।

## କ୍ଲବ ଘରେ ବେସାହାରା ଆଦିବାସୀ ପରିବାର
# ଘରଡିହ ଯୋଗାଇ ଦେବାକୁ ଦାବି


ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଦୁଇ ଦଳର ନେତା ଓ ଗ୍ରାମବାସୀ।

**ଭୋଗରାଇ, ୮।୪(ପ୍ରଦୀପ ଦାସ)**

ଭୋଗରାଇ ବ୍ଲକ ଜଳସୋହରିଆ ପଞ୍ଚାୟତ ଦାମୋଦରପୁର ଗ୍ରାମର ଗରିବ ଆଦିବାସୀ ଗଙ୍ଗାରାମ ହେମ୍ବ୍ରମ ଓ ତୁଳସୀ ହେମ୍ବ୍ରମ ବାସସ୍ଥାନ ହରାଇ ଛୁଆପିଲା ଧରି ଏବେ କ୍ଲବ ଘରେ ଆଶ୍ରୟ ନେଇଛନ୍ତି। ସ୍ଥାୟୀ ଉପଯୁକ୍ତ ସ୍ଥାନ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ସହ ବିଧାୟକ ଗୌତମବୁଦ୍ଧ ଦାସ, ଜିଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ବୁଧବାର ଭୋଗରାଇ ତହସିଲଦାରଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାନୁଯାୟୀ, ଉକ୍ତ ଗ୍ରାମର ଏହି ଆଦିବାସୀ ପରିବାର ଦୀର୍ଘ ୫୦ବର୍ଷ ଧରି ବସବାସ କରି ଆସୁଥିବା ବେଳେ ତାଙ୍କର ବିଦ୍ୟୁତ ସଂଯୋଗ ସହିତ ଆଧାରକାର୍ଡ ଓ ସରକାରଙ୍କ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଆସୁଥିଲେ। ଏହି ଜାଗାକୁ କାର୍ତ୍ତିକ ଦାସ ନିଜର ଜାଗା ଦାବି କରିବା ସହିତ ଦେୱାନୀ କୋର୍ଟରେ ଆଶ୍ରୟ ନେଇଥିଲେ। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ, ଗତ ସପ୍ତାହରେ ଆଦିବାସୀ ରହୁଥିବା ଆଜବେଷ୍ଟସ ଘରକୁ କୋର୍ଟ କମିଶନରଙ୍କ ଉପସ୍ଥିତିରେ ପ୍ରଶାସନ ଜେସିବି ଲଗାଇ ଭାଙ୍ଗି ଦେଉଥିବା ବେଳେ ଆଦିବାସୀଙ୍କ ସପକ୍ଷରେ ଗ୍ରାମବାସୀ ପ୍ରବଳ ପ୍ରତିରୋଧ କରି ରାସ୍ତାରୋକୋ କରିବାରୁ ଆଇନଶୃଙ୍ଖଳା ସ୍ଥିତି ଗମ୍ଭୀର ହୋଇଥିଲା। ପ୍ରଶାସନ ଉପସ୍ଥିତିରେ ଏଭଳି ଅମାନବୀୟ ଘଟଣାକୁ ଗ୍ରାମବାସୀ ଓ ବୁଦ୍ଧିଜୀବୀମାନେ ନିନ୍ଦା କରିଥିଲେ । ଆଦିବାସୀ ପରିବାରଙ୍କୁ ଅନ୍ୟତ୍ର ୩ ଡ଼ିସିମିଲ ଜାଗା ଦିଆଯାଇଥିବାର ତହସିଲଦାର ପ୍ରକାଶ କରିଥିବା ବେଳେ ଉକ୍ତ ଜାଗା ବାସସ୍ଥାନ ଉପଯୁକ୍ତ ନୁହେଁ ବୋଲି ଗ୍ରାମବାସୀ ଓ ଜନପ୍ରତିନିଧି ତହସିଲଦାରଙ୍କଠାରେ ପ୍ରକାଶ କରିଥିଲେ।

# ବାବା ଭୁଜାଖିଆ ପୀରଙ୍କ ବାର୍ଷିକ ଉର୍ସ ଆରମ୍ଭ

**ବାଲେଶ୍ୱର, ୮।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ସୁନହଟସ୍ଥିତ ବାବା ଭୁଜାଖିଆ ପୀରଙ୍କ ୮୨ତମ ବାର୍ଷିକ ଉର୍ସ ବୁଧବାର ଆରମ୍ଭ ହୋଇଛି। ୩ଦିନ ବ୍ୟାପୀ ଆୟୋଜିତ ଏହି ଉର୍ସର ପ୍ରଥମ ଦିନରେ ଗୋସଲ, କୋରାନ୍ ପାଠ ଓ ଫାତେହା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ବାଲିଘାଟସ୍ଥିତ ନଦୀରୁ ଏକ କଳସ ଶୋଭାଯାତ୍ରାରେ ପାଣି ଆଣିଥିଲେ। ବିହାରରୁ ଆସିଥିବା ଧର୍ମଗୁରୁ ହଜରତ୍ ସୟଦ୍ ଆବିଦୁଲ୍ କାଦ୍ରୀଙ୍କ ତତ୍ତ୍ୱାବଧାନରେ ଗୋସଲ ସମ୍ପନ୍ନ ହୋଇଥିଲା। ପୀରବାବାଙ୍କ ଆସ୍ଥାନରେ ପୂଜା ପାଠ ସହ ଫୁଲ ଓ ଚାଦର ଚଢ଼ାଯାଇଥିଲା। ରାତିରେ ସବିନା ପାଠ ଏବଂ ମୌଲବୀଙ୍କ ଦ୍ୱାରା ତକରୀର କାର୍ଯ୍ୟକ୍ରମ, ସାୟେରଙ୍କ ଦ୍ୱାରା ନାତ୍ ପାଠ କରାଯାଇଥିଲା। ବାବାଙ୍କ ପୀଠରେ ଭୁଜା, ଉଖୁଡ଼ା ଆଦି ଭୋଗ ଲଗାଯାଇଥିଲା। ଉଭୟ ହିନ୍ଦୁ ଓ ମୁସଲମାନ ଶ୍ରଦ୍ଧାଳୁମାନେ ଏକାଠି ହୋଇ ପୂଜା ପାଠ କରୁଥିବା ଦେଖିବାକୁ ମିଳିଥିଲା।


ପୀର ବାବାଙ୍କ ଆସ୍ଥାନରେ ଫୁଲ ଦିଆଯାଉଛି।

# ୩୭ ଅବସରପ୍ରାପ୍ତ ଶିକ୍ଷକ ସମ୍ମାନିତ

## ଶିକ୍ଷକ ସମନ୍ୱୟ ସମିତିର ପ୍ରତିଷ୍ଠା ଦିବସ

**ବାଲିଆପାଳ, ୮।୪(ରାଜଶ୍ରୀ ପାଣିଗ୍ରାହୀ)**

ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁନାରୁଇ ଗଦାଧର ଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଶିକ୍ଷକ ସମନ୍ୱୟ ସମିତିର ପଞ୍ଚଦଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସମିତି ସଭାପତି ବିଶ୍ୱମ୍ଭର ପାତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ମୁଖ୍ୟବକ୍ତା ଧ୍ରୁବ ଚରଣ ସଂସ୍କୃତ କଲେଜର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନ, ଅତିରିକ୍ତ ଶିକ୍ଷାଧିକାରୀ ନମିତାପ୍ରଭା ସାମଲ, ସମିତିର ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ଆଦିତ୍ୟ କୁମାର ରାଉତ, ମନ୍ମଥ କୁମାର ବିଶ୍ୱାଳ, ପ୍ରଭାତ ରଞ୍ଜନ ସାହୁ, ସମିତିର ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାସ, ଆବାହକ ସୁଶାନ୍ତ କୁମାର ଗିରି, ସଦସ୍ୟ ସିଆରସିସି ଯଶୋବନ୍ତ ଜେନା, ଶିକ୍ଷକ ପ୍ୟାରୀମୋହନ ବିଶ୍ୱାଳ, ସୁବାଷ ଚନ୍ଦ୍ର ଭଞ୍ଜ, ଦିଲୀପ କୁମାର ସାହୁ, ଶିବଶଙ୍କର ମୁଜୁମଦାର ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କ ସମସ୍ୟାର ସମାଧାନ, ପୂଜ୍ୟପୂଜାର ସଂସ୍କୃତିକୁ ଦ୍ୱିଗୁଣିତ କରିବା, ଶିକ୍ଷକ ବର୍ଗୀକରଣର ସମାନତା ରକ୍ଷା କରିବା ଦିଗରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୩୭ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏଥିସହ ନବନିଯୁକ୍ତ ସିଆରସିସିମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ରଞ୍ଜନ କୁମାର ମହାନ୍ତି ମନ୍ତ୍ରପାଠ, ନିତାଇ ଚରଣ ରାଉଳ ଅତିଥି ପରିଚୟ ଓ ବ୍ୟୋମକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରତିଷ୍ଠା ଦିବସରେ ସମ୍ମାନିତ ଅବସରପ୍ରାପ୍ତ ଶିକ୍ଷକ।

# ୧୦ରୁ ଈଶାଣୀ ବୈଶାଖୀ ମହୋତ୍ସବ

**ବାଲେଶ୍ୱର, ୮।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ସହର ଉପକଣ୍ଠ ଐତିହାସିକ ସିନ୍ଦୂରୀ ଚାଉଳିଆ ବର ଓ ଈଶାଣୀ ମିନି ଷ୍ଟାଡିୟମରେ ଆସନ୍ତା ୧୦ରୁ ୧୪ତାରିଖ ପର୍ଯ୍ୟନ୍ତ ୧୧ତମ ଈଶାଣୀ ବୈଶାଖୀ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ୫ଦିନ ବ୍ୟାପୀ ମହୋତ୍ସବ ଓ ଉଡ଼ା ଯାତ୍ରା ହେବ ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍ସବ କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଉତ୍ସବ କମିଟି ସଭାପତି ବରିଷ୍ଠ ଆଇନଜୀବୀ ଅଶୋକ ସେନାପତି ପୌରୋହିତ୍ୟ କରିଥିଲେ। ସମ୍ପାଦକ ଭାଗବତ ସାହୁ, କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବଙ୍କ ସମେତ ସାରିକା କର, ସନାତନ ବେହେରା, ଦୀନବନ୍ଧୁ ବେହେରା, ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମହୋତ୍ସବକୁ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଦ୍ୱାରା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

# ସହର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ

## ଜୀବନ ଅମ୍ରିତ ପକ୍ଷରୁ ବୃକ୍ଷରୋପଣ

**ବାଲେଶ୍ୱର, ୮।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଏଫଏମ୍ କଲେଜର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ନୂଆ ଗଠିତ ହୋଇଥିବା ଜୀବନ ଅମ୍ରିତ ସଙ୍ଗଠନ ପକ୍ଷରୁ ବୁଧବାର ବାଲେଶ୍ୱର ସହରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରର ବିକାଶ କ୍ଷେତ୍ରରେ ଯେଉଁ ବ୍ୟକ୍ତିମାନଙ୍କର ଅବଦାନ ରହିଛି, ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓ ତାଙ୍କ ନାମରେ ସହରର ଫାଣ୍ଡିଛକଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ବୃକ୍ଷରୋପଣ କରାଯାଇଥିଲା। ଏଥିସହିତ ବୃକ୍ଷ କିପରି ବଞ୍ଚିରହିବ ଏନେଇ ସଙ୍ଗଠନ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ କରାଯିବ ବୋଲି ସଙ୍ଗଠନର କର୍ମକର୍ତ୍ତାମାନେ କହିଥିଲେ। ଏହାଦ୍ୱାରା ସହର ସୌନ୍ଦର୍ଯ୍ୟକରଣ ହୋଇପାରିବ। ଅନ୍ୟପକ୍ଷରେ ଆଗାମୀ ଦିନରେ ସହରର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ସହିତ ସଙ୍ଗଠନ ଲକ୍ଷ୍ୟ ରଖିଥିବା ଅନ୍ୟ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ବୋଲି ଜୀବନ ଅମ୍ରିତ ସଭାପତି ସତ୍ୟରଞ୍ଜନ ଦାସ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ସବିତା ସାହୁ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ସ୍ୱରୂପ କୁମାର ଦାସ, ସୁଦର୍ଶନ ଜେନା ଓ ସୁଧାଂଶୁ ଶେଖର ପରିଡାଙ୍କ ସମେତ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥି ଓ ସଂଗଠନର କର୍ମକର୍ତ୍ତା।

## ଶ୍ରୀନନ୍ଦିକେଶ୍ୱର ମହାଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

ସୋର, ୮।୪(ଜନ୍ମେଜୟ ମିଶ୍ର): ସୋର ବ୍ଲକ ନଦୀଗାଁ ଗ୍ରାମସ୍ଥିତ ଶ୍ରୀ ନନ୍ଦିକେଶ୍ୱର ମହାଦେବଙ୍କ ପୀଠରେ ୪୮ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୩ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଗଙ୍ଗାଧର ତ୍ରିପାଠୀଙ୍କ ସହିତ ପ୍ରଧାନ ହୋତା, ପିତାମ୍ବର ଦାଶ, ଶିବ ପୂଜକ ସୁଶାନ୍ତ ମିଶ୍ର, ନବକିଶୋର ମିଶ୍ର, ପୁସ୍ତକାଚାର୍ଯ୍ୟ ପ୍ରାଣବନ୍ଧୁ ପଣ୍ଡା, ଚଣ୍ଡୀ ପାଠକ ଅଶୋକାନନ୍ଦ ଦାଶ ଓ ଜଗନ୍ନାଥ ପଣ୍ଡା, ଗୀତାପାଠ ରବୀନ୍ଦ୍ର ପଣ୍ଡାଙ୍କ ଦ୍ୱାରା କରାଯାଇଥିଲା। ଅନ୍ୟତମ ପୂଜକ ଶଶିକାନ୍ତ ମିଶ୍ର, ଗୌରଚନ୍ଦ୍ର ପାଠୀ ଓ ଶରତ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ବୁଧବାର ରାତିରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଗ୍ରାମବାସୀଙ୍କ ସହଯୋଗ ସହିତ ରବୀନ୍ଦ୍ର ନାୟକ, ଶଶିକାନ୍ତ ମଲ୍ଲିକ, ବିଶ୍ୱଜିତ ମହାନ୍ତି ଓ ଖଗେଶ୍ୱର ମହାନ୍ତିଙ୍କ ପରିଚାଳନାରେ ଏହି ଯଜ୍ଞ ସମ୍ପାଦିତ ହୋଇଥିଲା।

## ପଦ୍ମଶ୍ରୀ ବାବା ବଳିଆଙ୍କ ଜୟନ୍ତୀ

ବାଲିଆପାଳ, ୮।୪(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ଅନନ୍ତ ବଳିଆ ସେବା ସଂଘ ପକ୍ଷରୁ ବୁଧବାର ହନୁମାନ ମନ୍ଦିର ପରିସରରେ ପରମପୂଜ୍ୟ ଶ୍ରୀଶ୍ରୀ ଗୁରୁଦେବ ପଦ୍ମଶ୍ରୀ ବାବା ବଳିଆଙ୍କ ୭୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବାବା ବଳିଆଙ୍କ ସୁସ୍ଥ ଜୀବନଯାପନ ଲାଗି ପ୍ରାର୍ଥନା କରାଯାଇଥିଲା। କମିଟି ସଭାପତି ମନ୍ମଥ କୁମାର ନାୟକ, ଉପଦେଷ୍ଟା ମନୋଜ କୁମାର ସି , ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, କୋଷାଧ୍ୟକ୍ଷ ସୁନୀଲ କୁମାର ବେହେରା ପ୍ରମୁଖ ପରିଚାଳନା ଓ ସଙ୍ଘର ସଦସ୍ୟମାନେ ସହଯୋଗ କରିଥିଲେ।

No. 10001/24/2627

ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/26-27/0002

# ଜଳେଶ୍ୱରରେ ବେଆଇନ ଇଟାଭାଟି ଉଚ୍ଛେଦ କଲା ପ୍ରଶାସନ

**ଜଳେଶ୍ୱର, ୮।୪(ନବୀନ ସାହୁ)**

ଜଳେଶ୍ୱର ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟିଗୁଡିକ ବିରୋଧରେ ପ୍ରଶାସନ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଜଳେଶ୍ୱର ତହସିଲ ଅଧୀନରେ ଥିବା ୩ଟି ପ୍ରମୁଖ ବେଆଇନ ଇଟାଭାଟିକୁ ଭାଙ୍ଗି ଦିଆଯାଇଛି।

ସୂଚନା ଅନୁଯାୟୀ, ଜଳେଶ୍ୱର ତହସିଲ ଅଞ୍ଚଳରେ ପ୍ରାୟ ୪୩ଟି ବେଆଇନ ଇଟାଭାଟି ବେଧଡ଼କ ଭାବେ କାର୍ଯ୍ୟ କରୁଥିଲା। ଏହି ସମସ୍ତ ଭାଟି ବେଆଇନ ଥିବା ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ନିକଟରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଏହି ପ୍ରସଙ୍ଗ ଉଠିଥିଲା। ଫେବୃଆରୀରେ ପ୍ରଶାସନ ପକ୍ଷରୁ ସମସ୍ତ ଭାଟି ମାଲିକଙ୍କୁ ନୋଟିସ୍ ଜାରି କରାଯିବା ସହ ମାର୍ଚ୍ଚରେ ଜରିମାନା ଆଦାୟ କରାଯାଇଥିଲା। ତଥାପି, ନିୟମକୁ ବେଖାତିର କରି କେତେକ ଭାଟିରେ ନୂଆ କଞ୍ଚାଇଟା ତିଆରି ଚାଲିଥିବାରୁ ବୁଧବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଅପରାହ୍ନ ପ୍ରାୟ ୧ଟା ବେଳେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗୋବରଘଟା ଅଞ୍ଚଳରେ ଚଢ଼ାଉ କରିଥିଲେ। ଟିମ୍‌ରେ ତହସିଲ ସୁପରଭାଇଜର ଶରତ ବେହେରା, ପୋଲିସ ଏସ୍‌ଆଇ ଚିରଞ୍ଜିବ ରାଉତ ଏବଂ ଦମକଳବାହିନୀ ସାମିଲ ଥିଲେ। ଭଙ୍ଗାଯାଇଥିବା ଇଟାଭାଟିଗୁଡ଼ିକ ହେଲା ଗୋବରଘଟାସ୍ଥିତ ଜିକଜାକ ଇଟାଭାଟି, ପିଙ୍କି ଇଟାଭାଟି, ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଖୁସି ଇଟାଭାଟି। ପ୍ରଶାସନ ପକ୍ଷରୁ ୨ ଇଟାଭାଟିର କଞ୍ଚା ମାଟି ଇଟା ଭାଙ୍ଗିବା ସହିତ ଖୁସି ଭାଟିର ଚିମିନି ଭାଙ୍ଗିବା ସହ ସେଠାରେ ଗଚ୍ଛିତ ଥିବା ବିପୁଳ ପରିମାଣର କଞ୍ଚା ମାଟି ଇଟାକୁ ନଷ୍ଟ କରିଦିଆଯାଇଛି। ଆଗାମୀ ଦିନରେ ଅନ୍ୟ ସମସ୍ତ ବେଆଇନ ଇଟା ଭାଟି ବିରୋଧରେ ସମାନ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ମହାନ୍ତି କହିଛନ୍ତି।


ପ୍ରଶାସନ ପକ୍ଷରୁ ଇଟାଭାଟି ଭଙ୍ଗାଯାଉଛି।

# ଯୁବକଙ୍କ ଆତ୍ମହତ୍ୟା

**ରାଇରଙ୍ଗପୁର, ୮।୪ (ମାନସ ମହାନ୍ତି)**

ରାଇରଙ୍ଗପୁର ଟାଉନ ଥାନା ଅଧୀନ ତାମଲନ୍ଦ ଗ୍ରାମରେ ବୁଧବାର ଜଣେ ଯୁବକ ବେକରେ ପ୍ଲାଷ୍ଟିକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମେଘରାୟ ମାଝୀଙ୍କ ପୁଅ ସୁନାରାମ (୧୯)। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୬) ରୁଜୁ ହୋଇଛି। ଘରୋଇ କନ୍ଦଳରୁ ସୁନାରାମ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି।

# ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଗୋପବନ୍ଧୁ ନଗର, ୮।୪ (ଶାନ୍ତନୁ କୁମାର ମଥୁଆଳ)**

ଖୁଣ୍ଟା ଥାନା ଟିଂଟିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ନରେ ବାଇକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଯଦୁରଘେରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୁଅ ମଧୁସୂଦନ (୩୨)। ମଙ୍ଗଳବାର ଅପରାହ୍ନରେ ମଧୁସୂଦନ ସାଇକେଲ ଯୋଗେ ସ୍ଥାନୀୟ ସାପ୍ତାହିକ ହାଟକୁ ଯାଉଥିବା ବେଳେ ପଡ଼ୋଶୀ ଗ୍ରାମର ଶରତ ନାଏକ ନାମକ ଜଣେ ଯୁବକ ଏକ ବାଇକ୍‌ରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ମଧୁସୂଦନଙ୍କୁ ବାରିପଦା ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଏନେଇ ଥାନାରେ ଏକ ମାମଲା(ନଂ.୯୧/୨୬) ରୁଜୁ ହୋଇଛି।

# ଘୂର୍ଣ୍ଣିଝଡ଼ କ୍ଷତିଗ୍ରସ୍ତ ଗ୍ରାମ ପରିଦର୍ଶନ କଲେ ଉପ ଜିଲାପାଳ

**ଠାକୁରମୁଣ୍ଡା, ୮।୪ (ତାରାକାନ୍ତ ପଟ୍ଟନାୟକ)**

ଘୂର୍ଣ୍ଣିଝଡ଼ ସହ କୁଆପଥର ମାଡରେ ଠାକୁରମୁଣ୍ଡା ବ୍ଲକ ଅଧୀନ ଜରକ ଓ ଜରକ ଗ୍ରାମର ବାଘାଲ ସାହି, ଖୁଦିଶିଳା ଗ୍ରାମ, ମହୁଲଡ଼ିହା ଗ୍ରାମପଞ୍ଚାୟତ ଜମୁନାଳିଆ ଗ୍ରାମରେ ବ୍ୟାପକ କ୍ଷତି ହୋଇଥିଲା। କୁଆପଥର ମାଡ଼ ଓ ପବନ ଯୋଗୁ ଜମୁନାଳିଆ, ଜରକ, ଖୁଦିଶିଳା, ମହୁଲଡ଼ିହା, ସାତକୋଶିଆ,ଖୁମଠାଣ, ଗୌଡ଼ିଆବାହାଲି, ଘଣ୍ଟିଆଦର, ଗମ୍ଭାରୀଆ, ଭରାଣ୍ଡିହା ଆଦି ଗ୍ରାମଗୁଡିକରେ ପନିପରିବା ଓ ଧାନ ଫସଲ ସହ ତରଭୁଜ ଚାଷ ବ୍ୟାପକ ଭାବରେ କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ଗ୍ରାମଗୁଡ଼ିକୁ କରଞ୍ଜିଆ ଉପଜିଲ୍ଲାପାଳ ଦାୟାସିନ୍ଧୁ ପରିଡା, ଠାକୁରମୁଣ୍ଡା ବିଡିଓ ସପନେଶ୍ୱର ବେହେରା, ତହସିଲଦାର ସମ୍ବିତ କୁମାର କର ଗ୍ରାମଗୁଡିକୁ ଯାଇ ପରିଦର୍ଶନ କରିଥିଲେ। ବନ ବିଭାଗ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ରାସ୍ତା ଉପରେ ପଡିଥିବା ଗଛ କାଟି ସଫା କରିଥିଲେ। ଝଡ ବର୍ଷା ପରେ ଜଙ୍ଗଲ ପରିବେଶ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ସ୍ଥାନୀୟ ବିଧାୟକ ପଦ୍ମଚରଣ ହାଇବ୍ରୁରୁ କ୍ଷତିଗ୍ରସ୍ତ ଗ୍ରାମ ପରିଦର୍ଶନ କରିଥିଲେ। ରାଜସ୍ୱ ନିରୀକ୍ଷକମାନେ କ୍ଷୟକ୍ଷତି ଆକଳନ କରିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୩ ଟି ଘର ସମ୍ପୂର୍ଣ ଭାଙ୍ଗି ଯାଇଥିବା ବେଳେ ୬୧ଟି ଘର ଆଂଶିକ ଓ ୨ ଟି ଘର ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି।

# ଆରମ୍ଭ ହେଲା ମାଦଳ ମହୁରି ଉତ୍ସବ

**ବାରିପଦା, ୮।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା ଶହୀଦ ସ୍ମୃତି ଭବନରେ ଦୁର୍ଗା – ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ମାଦଳ ମହୁରି ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପରିଷଦର ମୁଖ୍ୟ ସଂଯୋଜକ କ୍ଷୀରୋଦ ବିହାରୀ ସିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ଇଂ. ଅଶୋକ ବସା ଓ ଶିକ୍ଷାବିତ କିଶୋର କୁମାର ବସା, ଶିକ୍ଷାବିତ ପ୍ରଫେସର ମୋହିତ ଷଡ଼ଙ୍ଗୀ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଉତ୍ସବର ସଫଳତା କାମନା କରିବା ସହ ମଞ୍ଚସ୍ଥ ହେଉଥିବା ନାଟକରେ ଯୁବ କଳାକାର ଓ ନିର୍ଦ୍ଦେଶକଙ୍କୁ ସୁଯୋଗ ଦେଇଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିଙ୍କୁ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ସନ୍ଧ୍ୟାରେ ନାଟ୍ୟକାର କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ଦୁଇଟି ମନୋରଞ୍ଜନଧର୍ମୀ ନାଟକ ମଞ୍ଚସ୍ଥ ହୋଇଥିଲା। ଗୁହିରାମ ଜେନାଙ୍କ ନିର୍ଦ୍ଦେଶିତ 'ମହା ବିଭ୍ରାଟ' ନାଟକରେ ପ୍ରସନ୍ନ ମହାନ୍ତି, ସରୋଜ ଶତପଥୀ, ଘନଶ୍ୟାମ କର, ହିମାଂଶୁ ସାହୁ, ଜ୍ୟୋତିର୍ଜୀ ସେଠି ଓ କାର୍ତ୍ତିକ ଚନ୍ଦ୍ର ବେହେରା ଅଭିନୟ କରିଥିବା ବେଳେ ଲଭରଜିତ ସାହୁ ମଞ୍ଚ ଓ ଧରମଜିତ ମହାପାତ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଧନଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ 'ରାଜଧାନୀରେ କରୋନା ଠକ' ନାଟକରେ ଧନଞ୍ଜୟ, ପ୍ରେମଦୀପ, ଅବିନାଶ, ସିଦ୍ଧାର୍ଥ, ଜ୍ୟୋତିଶଙ୍କର ଓ କାକୋଳି ଅଭିନୟ କରିଥିଲେ। ଚିନ୍ମୟ ଶେଜପଡ଼ା ଓଡିଶୀ ନୃତ୍ୟ, ସରନ୍ୟା ସାହୁ, ମୋନାଲିସା ସେଠି ଓ ଆଦ୍ୟାଶା ଗଜେନ୍ଦ୍ର ମହାପାତ୍ରଙ୍କ ସଂଗୀତ ତଥା ନଂ.୧ ଡ୍ୟାନ୍ସ ଏକାଡେମୀର କୁନି କଳାକାରଙ୍କ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା।

# ପ୍ରାଚୀର ପତ୍ରିକା 'ଲେଖାଶ୍ରୀ' ଉନ୍ମୋଚିତ

**ବାରିପଦା, ୮।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ପ୍ରାଚୀର ପତ୍ରିକା ଉନ୍ମୋଚନ କରାଯାଉଛି।

ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଚୀର ପତ୍ରିକା 'ଲେଖାଶ୍ରୀ'ର ବାର୍ଷିକ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କଲେଜର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ଯୋଗଦେଇ ପ୍ରାଚୀର ପତ୍ରିକାର ଉନ୍ମୋଚନ କରିବା ସହ ସୃଜନଶୀଳତା ହିଁ ମଣିଷର ଚେତନା ଜଗତକୁ ଉନ୍ନତ କରାଏ ବୋଲି ମତବ୍ୟକ୍ତ କରିଥିଲେ।

ବିଭାଗୀୟ ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ଏହି ଅବସରରେ ସାହିତ୍ୟ ସହ ଜୀବନର ସମ୍ପର୍କ ଓ ଛାତ୍ରୀଛାତ୍ର କିପରି ଆହୁରି ସୃଜନ ମନସ୍କ ହେବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଛନ୍ଦିତା ବିଶ୍ୱାଳ ଛାତ୍ରୀଛାତ୍ରଙ୍କ ଭିତରେ ଥିବା ସୃଜନ ଭାବକୁ ଉଚ୍ଚ ପ୍ରଶଂସା କରିଥିଲେ। ସ୍ନାତକ ଛାତ୍ରୀ ଶୁଭଶ୍ରୀ ଦୀକ୍ଷିତ ପତ୍ରିକାକୁ ସମ୍ପାଦନା କରିଥିବା ବେଳେ ଅଳଙ୍କରଣରେ ଅଧ୍ୟାପକ ଡ. ଦୟାନିଧି ପରିଡ଼ା ଓ ଧନଞ୍ଜୟ ସିଂ ଦିଗଦର୍ଶନ ଦେଇଥିଲେ। ଅଧ୍ୟାପକ ଡ. ଦିଲ୍ଲୀପ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ଛାତ୍ରୀଛାତ୍ର ସମେତ ବିଶ୍ୱବିଦ୍ୟାଳୟର ଗବେଷକମାନେ ଉପସ୍ଥିତ ରହିଥିଲେ।

# ଚେକ୍ ବାଉନ୍ସ ମାମଲା: ୬ ମାସ ଜେଲ୍

**ଉଦଳା, ୮।୪ (ସନ୍ତୋଷ କୁମାର ବାଛିନୀ)**

ଉଦଳା ଏସ୍‌ଡିଜେଏମ ଅନୁରାଗ ଦେହୁରୀ ଏକ ଚେକ ବାଉନ୍ସ ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୬ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ସାନଖୁଣ୍ଟା ଅଞ୍ଚଳର ହରିଶ ଚନ୍ଦ୍ର ଖିଲାର। ହରିଶ ଚନ୍ଦ୍ର ମୟୂରଭଞ୍ଜ ସେଣ୍ଟ୍ରାଲ କୋ ଅପରେଟିଭ ବ୍ୟାଙ୍କ ଖୁଣ୍ଟା ଶାଖାରୁ ୨୦୧୬ରେ ଋଣ ନେଇଥିଲେ। ମାତ୍ର ନିୟମିତ ଟଙ୍କା ପରିଶୋଧ କରି ନ ଥିଲେ। ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଟଙ୍କା ମାଗିବାରୁ ସେ ୨୦୧୮ ଅଗଷ୍ଟରେ ୧,୧୬,୩୫୦ ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ। ଉକ୍ତ ଚେକ୍‌ବ୍ୟାଙ୍କରେ ଡିପୋଜିଟ୍ ହେବା ପରେ ତାହା ବାଉନ୍ସ ହୋଇଥିଲା। ଯାହାକୁ ନେଇ ବ୍ୟାଙ୍କ ମ୍ୟାନେଜର ଏସ୍‌ଡିଜେଏମ୍ ଉଦଳାଙ୍କ କୋର୍ଟରେ ଏକ ମୋକଦ୍ଦମା ଦାୟର କରିଥିଲେ।

# ମେ ୧୧ରେ ଭଞ୍ଜସେନାର ହରତାଳ

**ବାରିପଦା, ୮।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାରେ ବେରୋଜଗାରମାନଙ୍କୁ ରୋଜଗାର ପ୍ରଦାନ ନିମନ୍ତେ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ କରିବା ଦାବି ନେଇ ଭଞ୍ଜସେନା ପକ୍ଷରୁ ଆସନ୍ତା ମେ ମାସ ୧୧ ତାରିଖରେ ହରତାଳ କରାଯିବ। ଜିଲା ଦେଇ ଯାଇଥିବା ୧୮ ଏବଂ ୪୯ନଂ. ଜାତୀୟ ରାଜପଥ ସହିତ ସମସ୍ତ ରାଜ୍ୟ ରାଜପଥ ଉପରେ ଶାନ୍ତିପୂର୍ଣ୍ଣ ହରତାଳ କରାଯିବ ବୋଲି ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଆହ୍ୱାନ ଦେଇଛନ୍ତି। ସେନାର ଜିଲା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଏନେଇ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ଶିମିଳିପାଳ ଜାତୀୟ ଉଦ୍ୟାନ ସମେତ ଅସରନ୍ତି

## ରୋଜଗାର ଯୋଗାଇବା ଦାବି

ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟସ୍ଥଳୀର ଗନ୍ତାଘର ରହିଛି। ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ଜିଲାରେ ଥିବା ବିଭିନ୍ନ ବନ୍ୟଜାତ ଦ୍ରବ୍ୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ଉଚିତ ବ୍ୟବସାୟୀକରଣ ଦ୍ୱାରା ତଥା ବିଭିନ୍ନ କୁଟୀର ଶିଳ୍ପ ମାଧ୍ୟମରେ ହିଁ ବେକାରୀ ସମସ୍ୟାରେ ଜର୍ଜରିତ ଜିଲାର ଲକ୍ଷାଧିକ ଯୁବସମାଜ ରୋଜଗାରକ୍ଷମ ହୋଇପାରିବା ସହ ଦାଦନ ଦୁଃଖ ସମସ୍ୟା ଦୂର ହେବ ବୋଲି ଭଞ୍ଜସେନା କହିଛି। ନୂତନ ସରକାରଙ୍କୁ ମଧ୍ୟ ବାରମ୍ବାର ଦାବିପତ୍ର, ଦିଆଯାଇଥିଲେ ସୁଦ୍ଧା ସରକାର ନିଦାବିଷ୍ଟୁ ସାଜି ବସି ରହିଛନ୍ତି। ଏହାର ପ୍ରତିବାଦ କରିବାକୁ ସେନା ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା କୁହାଯାଇଛି।

# ୪୦ ୟୁନିଟ୍ ରକ୍ତ ସଂଗ୍ରହ


ଶିବିରରେ ଉପସ୍ଥିତ ଅତିଥିମାନେ।

**ଉଦଳା, ୮।୪ (ସନ୍ତୋଷ କୁମାର ବାଛିନୀ)**

କୁଣ୍ଡାବାଇସ୍ଥିତ ଆର୍‌.ଡି.ଏସ. ଡିଗ୍ରୀ ମହାବିଦ୍ୟାଳୟରେ ଓଡ଼ଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ ବୁଧବାର ସକାଳ ୧୦ଟାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ଗିରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୪୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଯୁବ ରେଡକ୍ରସ ସଂଯୋଜକ ଅଂଶୁଜୀବ ବିଜ୍ଞାନ ବିଭାଗର ଅଧ୍ୟାପକ ରାଜେଶ କୁମାର ରାଉତରାୟ ଓ ମହିଳା ରେଡକ୍ରସ ସଂଯୋଜିକା ଅଧ୍ୟାପିକା ଡ. ଦିବ୍ୟାରାଣୀ ତ୍ରିପାଠୀ, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଓମ ପ୍ରକାଶ ଶତପଥୀଙ୍କ ସମେତ ଅଧ୍ୟାପକ ସୁବ୍ରତ କୁମାର ବେହେରା, ଶୁଭକାନ୍ତ ସାହୁ, ମହେନ୍ଦ୍ର ବିନ୍ଧାଣୀ, ଜ୍ୟୋତି ପ୍ରକାଶ ପଣ୍ଡା ଓ ଅଧ୍ୟାପିକା ମଧୁସ୍ମିତା ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ କର୍ମଚାରୀ, ଛାତ୍ରଛାତ୍ରୀ, ଯୁବ ରେଡକ୍ରସ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସାମିଲ ହୋଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୂତନ କୁଳପତିଙ୍କ ଦାୟିତ୍ୱ ଗ୍ରହଣ


ନୂତନ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କୁ ସ୍ୱାଗତ କରାଯାଉଛି।

**ବାରିପଦା, ୮।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ସିବି) ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ସୋମବାର ରାଜ୍ୟପାଳ ତଥା କୁଳାଧିପତି ହରିବାବୁ କମ୍ଭମପତି ପ୍ରଫେସର ମହାନ୍ତିଙ୍କ ନିଯୁକ୍ତି ସମ୍ପର୍କରେ ବିଧିବଦ୍ଧ ସୂଚନା ପ୍ରଦାନ କରିବା ପରେ ବୁଧବାର ପ୍ରଫେସର ମହାନ୍ତି ଏଠାରେ ପହଞ୍ଚି ପୂର୍ବତନ ଭାରପ୍ରାପ୍ତ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ମହାନ୍ତି ଜଣେ ଅଭିଜ୍ଞ ଶିକ୍ଷାବିତ ଓ ପ୍ରଶାସକ। ତାଙ୍କର ଶିକ୍ଷାଗତ ପୃଷ୍ଠଭୂମି ଅତ୍ୟନ୍ତ ପ୍ରଶଂସନୀୟ । ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରୁ ବିଟେକ୍ କରିଛନ୍ତି। ସେ ପ୍ରତିଷ୍ଠିତ ଆଇଆଇଟି ଖଡ଼ଗପୁରରୁ ଏମ୍‌ଟେକ୍ ଏବଂ ଆଇଆଇଟି ଦିଲ୍ଲୀରୁ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି।

# ଗୌରଚନ୍ଦ୍ର ମଧ୍ୟଇଂରାଜୀ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ


ଶତବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**କପ୍ତିପଦା, ୮।୪ (ବିଷ୍ଣୁ ପୁଥାଳ)**

କପ୍ତିପଦା ବ୍ଲକର ସର୍ବ ପୁରାତନ ଗୌରଚନ୍ଦ୍ର ମଧ୍ୟଇଂରାଜୀ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟବକ୍ତା ଭାବେ ଉଦଳା ବିଧାୟକ ଭାସ୍କରଚନ୍ଦ୍ର ମଡ଼େଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦ ସଭାପତି ତଥା ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର, ପୁରାତନ ଛାତ୍ର ସଂସଦ ସମ୍ପାଦକ ଚତୁର୍ଭୁଜ ନାୟକ, ସଂଗଠନ ସମ୍ପାଦିକା ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜସ୍ମିତା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଜୟଦେବ ରଥ ସ୍ୱାଗତ ଅଭିଭାଷଣ ଦେଇଥିଲେ। ବିଦ୍ୟାଳୟ ପରିସରରେ ନବ ନିର୍ମିତ ରାଜା ଗୌରଚନ୍ଦ୍ର ମାନଧାତାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ଏହି ଅବସରରେ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୮ ଗ୍ୟାସ୍ ସିଲିଣ୍ଡର ଜବତ


ଅଧିକାରୀମାନେ ଜବତ କରିଥିବା ଗ୍ୟାସ୍ ସିଲିଣ୍ଡର।

**ଝାରପୋଖରିଆ, ୮।୪ (ସୁଧୀର କୁମାର ମହାନ୍ତ)**

ଜାଳେଣି ଗ୍ୟାସ ସିଲିଣ୍ଡରର ସଙ୍କଟ ଦେଖା ଦେଇଥିବାବେଳେ ମଙ୍ଗଳବାର ଅପରାହ୍ନରେ ସାରସକଣା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ବମ୍ଫେଛକ ବଜାର ଅଞ୍ଚଳରେ ଥିବା ଦି ତନ୍ଦୁର ନାମକ ଏକ ହୋଟେଲରେ ଚଢ଼ାଉ କରାଯାଇ ୫ଟି ସିଲିଣ୍ଡର ଜବତ କରାଯାଇଛି। ସେହିପରି ଜାମଶୋଳା ଅଞ୍ଚଳରେ ଚଢ଼ାଉ କରାଯାଇ ମିହିର ହୋଲସେଲ ଓ ଭେରାଇଟି ଷ୍ଟୋରରୁ ଦୁଇଟି ଗ୍ୟାସ ଭର୍ତ୍ତିଥିବା ସିଲିଣ୍ଡର ସହିତ ଗୋଟିଏ ବ୍ୟବହୃତ ସିଲିଣ୍ଡରକୁ ପ୍ରଶାସନ ଜବତ କରିଛି। ଏହି ଚଢ଼ାଉରେ ସାରସକଣା ବିଡିଓ ସୁମନରାଜା ମହାନ୍ତିଙ୍କ ସହିତ ଆଡିସନାଲ ସିଏସଓ ଶିବାଶିଷ ଜେନା, ମୋରଡ଼ା ଏମ୍‌ଆଇ ପ୍ରବୀର କୁମାର ପାତ୍ର, ବାରିପଦା ଏମ୍‌ଆଇ ଭାଗ୍ୟଶ୍ରୀ ପତି, କୁଲିଅଣା ଏମ୍‌ଆଇ ଉତ୍କଳିକା ନାଏକ ଓ ସାରସକଣା ଦାୟିତ୍ୱରେ ଥିବା ବାଙ୍ଗିରିପୋଷି ଏମ୍‌ଆଇ ଲିପସା ମହାପାତ୍ର ଓ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ।

No. 10001/24/2627

## ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10001/10003/2/26-27/0002

